## ସଂକ୍ଷେପରେ

### ବୁଗୁଡ଼ାରେ ବେଆଇନ ଦୋକାନ ଗୃହ ସମ୍ପ୍ରସାରଣ ଏନ୍ଏସି କର୍ତ୍ତୃପକ୍ଷ ନୀରବ

**ବୁଗୁଡ଼ା,୭।୧୧(ଡି.ଏନ.ଏ.):** ବୁଗୁଡ଼ା ବସଷ୍ଟାଣ୍ଡ ପରିସରରେ ଥିବା ଦୋକାନ ଗୃହଗୁଡିକୁ ବ୍ୟବସାୟୀମାନଙ୍କୁ ଭଡା ସୂତ୍ରରେ ଦିଆଯାଇଛି। ଏନ୍ଏସି କର୍ତ୍ତୃପକ୍ଷ ଗତବର୍ଷ ଏହି ଘର ଗୁଡିକୁ ଲଟେରୀ ମାଧମରେ ଆବେଦନକାରୀଙ୍କୁ ଦେଇଥିଲେ। ତେବେ ଉକ୍ତ ଘର ଭଡା ନେଇ ଜଣେ ହୋଟେଲ କରିଥିବା ବ୍ୟବସାୟୀ ବେଆଇନ ଭାବେ ଗୃହର ପଛ ପଟ କାନ୍ଥ ଭାଙ୍ଗି ଆହୁରି ପଛକୁ ବଢ଼ାଇ କାନ୍ଥ ଉଠାଉଥିବାରୁ ବସଷ୍ଟାଣ୍ଡର ଶୋଭା ନଷ୍ଟ ହେବା ସହ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଅନେକ ବ୍ୟବସାୟୀ ବସ୍ଷ୍ଟାଣ୍ଡ ମଧରେ ଘର ଭଡା ଦେଇ ବ୍ୟବସାୟ କରୁଥିବା ବେଳେ ଜଣେ ବ୍ୟବସାୟୀ ପ୍ରତି ଏନ୍ଏସି କର୍ତ୍ତୃପକ୍ଷଙ୍କ ଏତେ ଅନୁକମ୍ପା କାହିଁକି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜନସାଧାରଣଙ୍କ ଟିକସରେ ନିର୍ମାଣ ହୋଇଥିବା ବସ୍ଷ୍ଟାଣ୍ଡକୁ ଏନ୍ଏସି କର୍ତ୍ତୃପକ୍ଷ ବ୍ୟକ୍ତିଗତ ସମ୍ପତି ଭାବେ ମନଇଚ୍ଛା କାରବାର ଚଳାଇଥିବା ନେଇ ଲୋକେ ଅଭିଯୋଗ କରିଛନ୍ତି। ଯଦି ବେଆଇନ ନିର୍ମାଣକୁ ଭଙ୍ଗା ନଯାଏ ତା'ହେଲେ ଅନ୍ୟ ବ୍ୟବସାୟୀମାନେ ମଧ କାନ୍ଥ ଭାଙ୍ଗି ପଛକୁ ବୃଦ୍ଧି କଲେ ଏନ୍ଏସି କର୍ତ୍ତୃପକ୍ଷ ଚୁପ୍ ରହିବେ କି ବୋଲି ପ୍ରଶ୍ନ ଉଠିଛି।

### ୧୬୧ ୟୁନିଟ ରକ୍ତ ସଂଗ୍ରହ

**ଗଞ୍ଜାମ, ୭।୧୧(ଡି.ଏନ.ଏ.):** ଗଞ୍ଜାମ ବ୍ଲକ ମଲାଡ଼ ପଞ୍ଚାୟତ ଲୁଂଘୁରି ବାତ୍ୟା ଆଶ୍ରୟ ସ୍ଥଳୀଠାରେ ବିଜେଡି ପକ୍ଷରୁ ରବିବାର ଜୀବନବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ଏମ୍ପି ଚନ୍ଦ୍ରଶେଖର ସାହୁ, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ପୂର୍ବତନ ଜିଲା ସଭାପତି ସୁବାସ ମହାରଣା, ମହିଳା ନେତ୍ରୀ ସଙ୍ଘମିତ୍ରା ଦଳାଇ ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟରେ ରକ୍ତ ଅଭାବରେ ମୃତ୍ୟୁବରଣ ରୋକିବାକୁ ସରକାରଙ୍କ ଏହି ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ୧୬୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଏହାକୁ ମଲାଡ଼ ସରପଞ୍ଚ ପ୍ରଭାତ ସେଠୀ, ସରପଞ୍ଚ ନିରଞ୍ଜନ ରେଡ୍ଡୀ, ଜିଲା ଯୁବ ଉପସଭାପତି ଲିଙ୍ଗରାଜ ମହାପାତ୍ର, ବ୍ଲକ ସମ୍ପାଦକ ଉମା ଜେନା, ସମିତିସଭ୍ୟ ସୁରଥ ପହାନ ଓ ଅନ୍ୟମାନେ ପରିଚାଳନା କରିଥିଲେ।

### ନାଭାଲ ଛାତ୍ରୀଛାତ୍ରଙ୍କ ସଫେଇ କାର୍ଯ୍ୟକ୍ରମ




**ଭଞ୍ଜନଗର,୭।୧୧(ଡି.ଏନ.ଏ.):** ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଏନସିସି ନାଭାଲ ଛାତ୍ରୀଛାତ୍ର ରବିବାର କଲେଜ ପରିସରକୁ ସଫେଇ କରିଥିଲେ। ପରେ ସେମାନେ ସଚେତନତା ବାର୍ତ୍ତା ନେଇ ସହର ପରିକ୍ରମା କରିଥିଲେ। କଲେଜ ଅଧକ୍ଷ ଡ.ସୁବାସ ଚନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବା ବେଳେ ନାଭାଲ ଅଫିସର ଡ. ରବୀନ୍ଦ୍ର କୁମାର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ସ୍କାଉଟ୍ ପ୍ରତିଷ୍ଠା ଦିବସ ପାଳିତ



**ବୁଗୁଡ଼ା,୭।୧୧(ଡି.ଏନ.ଏ.):** ବୁଗୁଡା ନିୟୁଏରା ପବ୍ଲିକ୍ ସ୍କୁଲ୍ର ଉତ୍କଳମଣି ସ୍କାଉଟ ଟ୍ରୁପ୍ ତରଫରୁ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସ୍କାଉଟ୍ ପତାକା ଉତ୍ତୋଳନ କରାଯିବା ସହ ଏକ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଲୋକମାନଙ୍କୁ ସଚେତନ କରାଇବା ସହ ନିକଟସ୍ଥ ଆମ୍ବିଳିଝରେ ମନ୍ଦିର ପରିସର ସଫେଇ କରାଯାଇଥିଲା। ମହାମାୟୀ ହାଇସ୍କୁଲ ତାଲସାକରର କ୍ରୀଡ଼ା ଶିକ୍ଷକ ଗୋପାଳ ଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଏବଂ ନ୍ୟୁଏରା ପବ୍ଲିକ ସ୍କୁଲର ପ୍ରତିଷ୍ଠାତା ସମ୍ପାଦକ ଅନୀଲ ପଟ୍ଟନାୟକ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ବିଦ୍ୟାଳୟର ସ୍କାଉଟ ଶିକ୍ଷକ ବୈଷ୍ଣବ ଚରଣ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସତ୍ୟପ୍ରକାଶ ନାୟକ, କେ ଅମ୍ରିତ ସାଗର ପାତ୍ର, ଆଶୁତୋଷ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ସେହିପରି ତାଲଶାକର ମହାମାୟୀ ଉଚ୍ଚ ବିଦ୍ୟାଳୟରେ ମଧ ସ୍କାଉଟ୍ ମାଷ୍ଟର ବି ଗୋପାଳ ଚନ୍ଦ୍ର ପାତ୍ରଙ୍କ ତତ୍ତ୍ୱାବଧାନରେ ଏହାର ଦିବସ ପାଳିତ ହୋଇଯାଇଛି।

# ୨୦୨୫ ସୁଦ୍ଧା ଗ୍ରୀନ କ୍ୟାମ୍ପସ, ଟ୍ୟାଲେଣ୍ଟ ସେଣ୍ଟର

**ଆଦର୍ଶ ବିଦ୍ୟାଳୟ ସମୀକ୍ଷା ବୈଠକ**

**ଛତ୍ରପୁର,୭।୧୧(ଡି.ଏନ.ଏ.)**

ଗଞ୍ଜାମ ଜିଲାର ସମସ୍ତ ଆଦର୍ଶ ବିଦ୍ୟାଳୟର ଭିତ୍ତିଭୂମି, ସୁବିଧା ଓ ଅସୁବିଧା ସମାଧାନ ସମ୍ପର୍କିତ ସମୀକ୍ଷା ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ମୋ ସ୍କୁଲ ରାଜ୍ୟ ଉପଦେଷ୍ଟା ଉପେନ୍ଦ୍ର ତ୍ରିପାଠୀଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଜିଲା ଶିକ୍ଷା ଅଧିକାରୀ ବିନୀତା ସେନାପତି, ବ୍ଲକ ଶିକ୍ଷା ଅଧିକାରୀମାନେ ଓ ଜିଲ୍ଲାର ଆଦର୍ଶ ବିଦ୍ୟାଳୟର ଅଧକ୍ଷ ଓ ଅଧକ୍ଷାମାନେ ଯୋଗ ଦେଇଥିଲେ । ଜିଲାରେ ଥିବା ୨୨ ଆଦର୍ଶ ବିଦ୍ୟାଳୟ


ଉପଦେଷ୍ଟା ଓ ଅନ୍ୟମାନେ ।

ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯିବା ସହ ତୁରନ୍ତ କିଭିଳି ଏହାର ସମାଧାନ ହୋଇପାରିବ ସେ ନେଇ ସମୀକ୍ଷା କରିଛନ୍ତି ରାଜ୍ୟ ଉପଦେଷ୍ଟା। ଏହାସହ ବିଦ୍ୟାଳୟ ଗୁଡିକରେ ଗୁଣାତ୍ମକ ବଶୃଦ୍ଧି କରିବା ଲାଗି ଦଶଟି ପଏଣ୍ଟ ଉପରେ ଫୋକସ କରାଯାଇଛି । ଆଦର୍ଶ ବିଦ୍ୟାଳୟଗୁଡିକୁ ୨୦୨୫ ସୁଦ୍ଧା ଗ୍ରୀନ କ୍ୟାମ୍ପସ କରିବା, ଆଦର୍ଶ ବିଦ୍ୟାଳୟ ଟ୍ୟାଲେଣ୍ଟ ସେଣ୍ଟର ମାଧମରେ ନ୍ୟାଶନାଲ ଏଣ୍ଟ୍ରାନ୍ସ ଏକ୍ଜରମିସନରେ ଛାତ୍ର ଛାତ୍ରୀ ମାନେ କୃତ କାର୍ଯ୍ୟ କରିବା, ପ୍ରତିବର୍ଷ ରୋଟାରୀ କ୍ଲବ ଓ ଲାୟନ୍ସ କ୍ଲବ ସହାୟତାରେ ରକ୍ତଦାନ ଶିବିର ଅନୁଷ୍ଠିତ କରିବା ଭଳି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବା ଲାଗି ବୈଠକରେ ନିଷ୍ପତ୍ତି ନିଆଯାଇଛି । ସମୀକ୍ଷା ବୈଠକ ଶେଷ ହେବା ପରେ ରାଜ୍ୟ ଉପଦେଷ୍ଟା ଜିଲ୍ଲାର ବିଭିନ୍ନ ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି ।

## ବିଜେଡିରେ ଯୋଗଦେଲେ ବହୁ ଭାଜପା କର୍ମୀ

**ପୁରୁଷୋତ୍ତମପୁର, ୭।୧୧(ଡି.ଏନ.ଏ.)**

ପୁରୁଷୋତ୍ତମପୁର ବ୍ଲକ ବଡ଼ଖରିଡ଼ା କାଳେଶ୍ୱର ମନ୍ଦିର ପାର୍କ ପରିସରରେ ବିଜେଡିର ମିଶ୍ରଣ ପର୍ବ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନଙ୍କ ତତ୍ତ୍ୱାବଧାନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକୁଳା ଗ୍ରାମର ବରିଷ୍ଠ ଭାଜପା ନେତା ପୂର୍ବତନ ସରପଞ୍ଚ ସୁବାସ ଚନ୍ଦ୍ର ଖଟୁଆ, ଭାଗ୍ୟଲତା ବେହେରାଙ୍କ ସମେତ ତ୍ରିନାଥ ବେହେରା, କୁମୁଦ ଚନ୍ଦ୍ର ବେହେରା, ଭଗବାନ ପ୍ରଧାନ, ପ୍ରଜ୍ଞାନୀ କୁମାରୀ ବେହେରା, କେଶବ ପ୍ରଧାନଙ୍କ ନେତୃତ୍ୱରେ ଗ୍ରାମର ପ୍ରାୟ ପାଞ୍ଚ ଶହରୁ ଊର୍ଦ୍ଧ୍ୱ ମହିଳା, ପୁରୁଷ ବିଜେଡିରେ ସାମିଲ ହୋଇଛନ୍ତି। ସମସ୍ତଙ୍କୁ ବିଧାୟିକା ପ୍ରଧାନ ଦଳୀୟ ଉପଢୌକନ ପକାଇ ସ୍ୱାଗତ କରିଥିଲେ। ଏଥିରେ ଜିଲା ପରିଷଦ ସଭ୍ୟ ପି. ନାରାୟଣ ରାଓ, ବରିଷ୍ଠ ବିଜେଡି ନେତା ଅନିଲ କୁମାର ଦାଶ ଉପସ୍ଥିତ ଥିଲେ।

## ଇକୋଟୁରିଜମ୍ ପ୍ରକଳ୍ପର ଅଗ୍ରଗତି ନେଇ ସମୀକ୍ଷା

**ଚିକିଟି, ୭।୧୧(ଡି.ଏନ.ଏ.)**

ଚିକିଟି ବ୍ଲକ ସୁନୁପୁର ବେଳାଭୂମିରେ ସମ୍ମାନଜନକ ବ୍ଲୁଫ୍ଲାଗ୍ ମାନ୍ୟତା ପାଇଥିବାରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି । ଚଳିତବର୍ଷ ପ୍ରଥମଥର ପାଇଁ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ପକ୍ଷରୁ ଗଞ୍ଜାମ ଜିଲାର ସୁନୁପୁର ବେଳାଭୂମିରେ ନଭେମ୍ବର ୧୫ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୧ ତାରିଖ ପର୍ଯ୍ୟନ୍ତ ଇକୋ ଫେଷ୍ଟିଭାଲ କରିବା ପାଇଁ ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ବିଦ୍ୟୁତ୍ ସଂଯୋଗ, ଜଳଯୋଗାଣ, ପକ୍କା ରାସ୍ତା ନିର୍ମାଣ କରାଯାଇ ଶୀଘ୍ର ଶେଷ କରିବା ନିମନ୍ତେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଓଡ଼ିଶା ସଂସ୍କୃତି ଓ ପର୍ଯ୍ୟଟନ ବିଭାଗର ସହକାରୀ ନିର୍ଦ୍ଦେଶକ ରତିକାନ୍ତ ପଟ୍ଟନାୟକଙ୍କ ସମେତ ବ୍ରହ୍ମପୁର ଉପଜିଲାପାଳ ଭି. କିର୍ତ୍ତୀଭାସନ, ଡିଏଫଓ ଅମ୍ଳାନ ନାୟକ, ଚିକିଟି ବିଡିଓ ଫାଲ୍ଗୁନୀ ମାଝି, ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଉପସ୍ଥିତିରେ ସମସ୍ତ ଅଗ୍ରଗତି ଉପରେ ସମୀକ୍ଷା କରିଥିଲେ। ଏଥିସହ ଟ୍ରାଫିକ୍, ପାର୍କିଂ, ଆଇନଶୃଙ୍ଖଳା ପରିସ୍ଥିତି ନେଇ ଗୋଳନ୍ଥରା ଥାନା ଅଧିକାରୀ ବିବେକାନନ୍ଦ ମହନ୍ତଙ୍କ ସହ ଆଲୋଚନା କରିଥିଲେ ।


ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ଜିଲାପାଳ।

## ବିଜେଡିରେ ମିଶିଲେ ଶତାଧିକ ଭାଜପା କର୍ମୀ


ମଞ୍ଚାସୀନ ଏମ୍ପି, ବିଧାୟକ ଓ ଅନ୍ୟମାନେ।

**ଭଞ୍ଜନଗର,୭।୧୧(ଡି.ଏନ୍.ଏ.)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପୂର୍ବରୁ ନେତା, କର୍ମୀମାନଙ୍କ ଦଳ ବଦଳ ଜାରି ରହିଛି। ଭଞ୍ଜନଗର ଓ ସୋରଡା ନିର୍ବାଚନମଣ୍ଡଳୀରେ ବର୍ତ୍ତମାନ ଏହି ପ୍ରକ୍ରିୟା ଜୋରଦାର ଚାଲିଛି। ଏହି କ୍ରମରେ ରବିବାର ବେଲଗୁଣ୍ଠା ବ୍ଲକ ବିଜେଡି ପକ୍ଷରୁ କେ ନୂଆଗଡ଼ରେ ଏକ ମିଶ୍ରଣ ପର୍ବ ଆୟୋଜନ କରାଯାଇଥିଲା। ବ୍ଲକ ବିଜେଡ଼ି ସଭାପତି ପ୍ରଶାନ୍ତ ନାୟକଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆସିକା ଏମ୍ପି ପ୍ରମିଳା ବିଶୋୟୀ ଏବଂ ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଅତିଥି ଭାବେ ଯୋଗଦେଇଥିଲେ । ସାଧାରଣ ସମ୍ପାଦକ ଏସ. ରାମେଶ୍ୱର ପାତ୍ର, ଜିଲା ବିଜେଡି ସାଧାରଣ ସମ୍ପାଦକ କୁଞ୍ଜବିହାରୀ ନାୟକ, ଯୁବ ସଭାପତି ଶିବରାମ ରାଉତ, ଡିଜିଟାଲ ସମ୍ପାଦକ ବିଭୂପାଦ ଜେନା, ଛାତ୍ର ସଭାପତି ଜ୍ୟୋତିରଞ୍ଜନ ନାୟକ, ଜିଲା ପରିଷଦ ଅମିତ ନାୟକ, ଲକ୍ଷ୍ମୀପ୍ରିୟା ବେହେରା, ରଙ୍କନିଧି ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଜଣେ ପୂର୍ବତନ ସରପଞ୍ଚଙ୍କ ପ୍ରତିନିଧି ସନ୍ତୋଷ ସ୍ୱାଇଁ, ପୂର୍ବତନ ସରପଞ୍ଚ ଏବଂ ସମିତିସଭ୍ୟ ଜୟରାମ ନାୟକଙ୍କ ନେତୃତ୍ୱରେ ଶତାଧିକ ଭାଜପା କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ଉପସ୍ଥିତ ଏମ୍ପି , ବିଧାୟକ ସେମାନଙ୍କୁ ସ୍ୱାଗତ କରିଥିଲେ। ସୂଚନାଯୋଗ୍ୟ, କିଛିଦିନ ପୂର୍ବେ ଧୁମୁଛାଇ ଏବଂ ଶାସନ ପଞ୍ଚାୟତରେ ବିଜେଡ଼ିର ମିଶ୍ରଣ ପର୍ବ ହୋଇଥିଲା। ଏ ନେଇ ପୂର୍ବତନ ଭାଜପା ଜିଲା ଉପସଭାପତି ସନ୍ତୋଷ ପାଳଙ୍କୁ ଯୋଗାଯୋଗ କରିବାରେ ଦଳ ଛାଡ଼ିଥିବା ବ୍ୟକ୍ତିମାନେ ଭାଜପା ସଭ୍ୟ ନ ଥିଲେ ବୋଲି କହିଛନ୍ତି।

## ମହିଳା ସମ୍ମିଳନୀ

**ଆସିକା,୭।୧୧(ଡି.ଏନ.ଏ.)**

ଆସିକା ବ୍ଲକ କର୍ଣ୍ଣୋଳିସ୍ଥିତ ନିଗମାନନ୍ଦ ଯୋଗାଶ୍ରମ ପରିସରରେ ରବିବାର ମହିଳା ସାରସ୍ୱତ ସଂଘର ତ୍ରୟୋଦଶ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଂଯୁକ୍ତା ଦୋରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହିଳା ସଂଘ ସଭାନେତ୍ରୀ ପ୍ରତିଭା ପଣ୍ଡା, ରାମନାରାୟଣ ଆଚାରୀ, ନରସିଂହ ଆଚାରୀ, ଗିରିଶ ତ୍ରିପାଠୀ, ନିଳମଣି ପାତ୍ର, ପ୍ରଶାନ୍ତ କୁମାର ପଣ୍ଡା, ବିଶ୍ୱନାଥ ବିଷୋୟୀ, ନିରଞ୍ଜନ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଠାକୁରଙ୍କ ଜିବନୀ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ପରେ ପରିବାର ଓ ସମାଜ ଗଠନରେ ମହିଳାଙ୍କ ଭୂମିକା ସମ୍ପର୍କରେ ଠାକୁରଙ୍କ ପ୍ରଦ ବାଣୀ ସମ୍ପର୍କରେ ଆଲୋଚନା ହୋଇଥିଲା । ଶିକ୍ଷାବିତ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଲିଖିତ ମନୁଷତ୍ୱର ସାଧନ ପୁସ୍ତକ ଶିକ୍ଷାବିତ ହୃଷିକେଶ ପାତ୍ରଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଜିଲାର ବିଭିନ୍ନ ଅଞ୍ଚଳରୁ ଠାକୁର ନିଗମାନନ୍ଦଙ୍କ ଭକ୍ତ ଓ ସାରସ୍ୱତ ପ୍ରେମୀ ଯୋଗଦେଇଥିଲେ ।

## ଚାଉଳ ବଣ୍ଟନରେ ହେରଫେର ତଦନ୍ତ ଜାରି

**କନିଷି ଉପ୍ରା ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ନିଲମ୍ବନ ଘଟଣା**

**ଗୋପାଳପୁର, ୭।୧୧(ଡି.ଏନ.ଏ.)**

ରଙ୍ଗେଇଲୁଣ୍ଡା ବ୍ଲକ କନିଷି ଗ୍ରାମସ୍ଥିତ ପ୍ରାଥମିକ ଉଚ୍ଚ ପ୍ରକଳ୍ପ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜାହ୍ନବୀ ବେହେରାଙ୍କୁ ଗତ ୧୮ରେ ମଧ୍ୟାହ୍ନଭୋଜନ ଚାଉଳ ହେରଫେର ଅଭିଯୋଗରେ ନିଲମ୍ବିତ କରାଯାଇଥିଲା। ଉକ୍ତ ବିଦ୍ୟାଳୟରେ ୨୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ମଧ୍ୟାହ୍ନଭୋଜନ ଚାଉଳ ହେରଫେର, ସମଗ୍ର ଶିକ୍ଷାର ପାଣ୍ଠିରୁ ଆସିଥିବା ଟଙ୍କା ମଧ ବ୍ୟାପକ ଅନିୟମିତତା ହୋଇଥିବା ନେଇ ପଦାକୁ ଆସିଛି। ଉକ୍ତ ଘଟଣାରେ କେଉଁମାନଙ୍କ ସମ୍ପୃକ୍ତି ରହିଛି ତାହାର ତଦନ୍ତ କରିବାକୁ ଦାବି ହୋଇଛି। ଏ ନେଇ ବିଇଓ ଡ. ପ୍ରଭାତୀ କୁମାରୀ ମହାପାତ୍ରଙ୍କୁ ଯୋଗାଯୋଗ ବେଳେ ଏହି ଘଟଣାର ତଦନ୍ତ ଚାଲୁ ରହିଛି। ଏଥିସହ ପାଣ୍ଠିରେ ମଧ ଅନିୟମିତତା ହୋଇଛି। ଏହାର ଶୀଘ୍ର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମହାପାତ୍ର ସୂଚନା ଦେଇଛନ୍ତି। ସୂଚନାଥାଉ କି, ଗତ ୩ ବର୍ଷ ଧରି ଉକ୍ତ ବିଦ୍ୟାଳୟରେ ଚାଉଳ ଓ ସମଗ୍ର ଶିକ୍ଷା ପାଣ୍ଠିରେ ଅନିୟମିତତା ହୋଇଥିଲା। ଗୋଷ୍ଠୀ ଶିକ୍ଷାଧିକାରୀ ମହାପାତ୍ର ଅଚାନକ ପରିଦର୍ଶନ କରି ଜାଣିବା ପରେ ପ୍ରଧାନ ଶିକ୍ଷୟିତ୍ରୀ ବେହେରାଙ୍କୁ ନିଲମ୍ବିତ କରିଥିଲେ।

## ଘୁମୁସର ବରିଷ୍ଠ ନାଗରିକ ମଞ୍ଚ ବୈଠକ



ବରିଷ୍ଠ ନାଗରିକ ମଞ୍ଚ କର୍ମକର୍ତ୍ତା।

**ଭଞ୍ଜନଗର,୭।୧୧(ଡି.ଏନ୍.ଏ.)**

ସ୍ଥାନୀୟ ନାୟକ ଭବନଠାରେ ରବିବାର ଘୁମୁସର ବରିଷ୍ଠ ନାଗରିକ ମଞ୍ଚର ସଭାପତି ସୋମନାଥ ନାୟକଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କର୍ମକର୍ତ୍ତା ଡ. କମ୍ବୁପାଣି ସାମନ୍ତ ଆଲୋଚନାରେ ଭାଗନେଇ ମଞ୍ଚର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ସଭ୍ୟ ପ୍ରଶାନ୍ତ କୁମାର ମହାନ୍ତି, ଅଭିମନ୍ୟୁ ଭୂୟାଁ, ବାଳକୃଷ୍ଣ ପାଢ଼ୀ, ସନ୍ତୋଷ କୁମାର ମିଶ୍ର, ଶିବପ୍ରସାଦ ସୁବୁଦ୍ଧି, ଲଡୁକେଶ୍ୱର ପ୍ରଧାନ ପ୍ରମୁଖ ଆଲୋଚନାରେ ଭାଗନେଇ ଘୁମୁସର ଜିଲା ଦାବି ଆନ୍ଦୋଳନକୁ ବ୍ୟାପକ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବୁଗୁଡ଼ା, ବାଲିପଦର, ଗୋବରା, ଜଗନ୍ନାଥପ୍ରସାଦ ଓ ସୋରଡ଼ା ବରିଷ୍ଠ ନାଗରିକ ମଞ୍ଚର ସହାୟତାରେ ପ୍ରତ୍ୟେକ ଅଞ୍ଚଳର ଛାତ୍ର, ଯୁବକ, କୃଷକ, ଶ୍ରମିକ, ବଣିକ ଓ ବୁଦ୍ଧିଜୀବୀମାନଙ୍କୁ ଏକାଠି କରି ଆନ୍ଦୋଳନକୁ ତୀବ୍ରତର କରାଯିବ। ଆନ୍ଦୋଳନର ବାର୍ତ୍ତାକୁ ସବୁଠି ପହଞ୍ଚାଇବା ପାଇଁ ଦଶହଜାର ପ୍ରଚାର ପତ୍ର ଓ ଏକ ହଜାର ପ୍ରାଚୀର ପତ୍ର ଛପାଯିବାକୁ ନିଷ୍ପତ୍ତି ହୋଇଛି । କୋଷାଧକ୍ଷ ବ୍ରଜ ଗୋପାଳ ମହାରଣା ଧନ୍ୟବାଦ ଦେଇଥିଲେ।

## ଜିଲାପାଳଙ୍କ ଉନ୍ନୟନମୂଳକ କାର୍ଯ୍ୟ ପରିଦର୍ଶନ

**ଆର.ଉଦୟଗିରି,୭।୧୧(ଡି.ଏନ.ଏ.)**

ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡା ରବିବାର ମୋହନା ବ୍ଲକ ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପରିଦର୍ଶନ କରିଛନ୍ତି। ଦ୍ୱିତୀୟ ଦଫାରେ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବାକୁ ଥିବା ଶିକୁଳିପଦର ଉଚ୍ଚ ବିଦ୍ୟାଳୟ ୫-ଟି କାର୍ଯ୍ୟ ତଥା ବିଦ୍ୟାଳୟର ସ୍ମାର୍ଟ ଶ୍ରେଣୀ ଗୃହ ସହ ଆନୁସଙ୍ଗିକ କାର୍ଯ୍ୟ ପରିଦର୍ଶନ କରିଥିଲେ। ବିଦ୍ୟାଳୟରେ ସମସ୍ତ କାର୍ଯ୍ୟ ଶେଷ ହୋଇଥିବା ବେଳେ କେବଳ ଉଦ୍‌ଘାଟନ ପୂର୍ବରୁ ଶେଷ ସ୍ପର୍ଶ ଦେବାକୁ ଥିବା କାର୍ଯ୍ୟ ବାକିଥିବା ଦେଖିବାକୁ ମିଳିଛି। ଜିଲାପାଳ ମୋହନା ବ୍ଲକ ଗସ୍ତ କରିବା ସହ ସମସ୍ତ ବ୍ୟବସ୍ଥା ପରୀକ୍ଷା ମୂଳକ ଭାବେ ଦେଖିଥିଲେ। ଜିଲାପାଳଙ୍କ ସହ ମୋହନା ବ୍ଲକ ସହକାରୀ ଯନ୍ତ୍ରୀ ଜଗବନ୍ଧୁ ଦାସ ଏବଂ ସ୍ଥାନୀୟ ସରପଞ୍ଚ ଉପସ୍ଥିତ ଥିଲେ। ବ୍ଲକର ଏହି ବିଦ୍ୟାଳୟ ପ୍ରଥମ ଥର ପାଇଁ ଉଦ୍‌ଘାଟନ ହେବାପରେ ରାଜ୍ୟ ସରକାର ଗଜପତିର ୬୦ ବିଦ୍ୟାଳୟ ମଧ୍ୟରୁ ମୋହନା ବ୍ଲକର ୧୭ ଉଚ୍ଚ ବିଦ୍ୟାଳୟକୁ ଉଚ୍ଚକୋଟିର କରି ଛାତ୍ରୀଛାତ୍ରଙ୍କ ପାଇଁ ଶିକ୍ଷା ବ୍ୟବସ୍ଥା ପ୍ରଦାନ କରିବା ପାଇଁ ଘୋଷଣା କରିଥିବା ଜଣାପଡିଛି।

## ମାଳ ତେନ୍ତୁଳିଆରେ ବିଜେଡିର ମିଶ୍ରଣ ପର୍ବ

**ପୋଲସରା,୭।୧୧(ଡି.ଏନ.ଏ.)**

ପୋଲସରା ବ୍ଲକ ମାଳ ତେନ୍ତୁଳିଆ ଗ୍ରାମରେ ରବିବାର ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମାଳ ତେନ୍ତୁଳିଆ ଗ୍ରାମର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଭାଜପା ପରିବାର ଜାତୀୟ ଭାଜପା ଦଳ ପରିତ୍ୟାଗ କରି ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଢ଼ ନେତୃତ୍ୱ, ନିର୍ମଳ ଶାସନ ଓ ଲୋକାଭିମୁଖୀ ଯୋଜନା ଏବଂ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁଙ୍କ ଜନସାଧାରଣଙ୍କ ସହ ସୁସମ୍ପର୍କରେ ଆକୃଷ୍ଟ ହୋଇ ଟୁକୁନା ସାହୁ ଓ ଶୁଭଲାଭ ପ୍ରଧାନଙ୍କ ନେତୃତ୍ୱରେ କାଶୀନାଥ ସାହୁ, ତୋଫାନ ପ୍ରଧାନ, ରାଜେନ୍ଦ୍ର ପ୍ରଧାନ, ଦେବରାଜ ସାହୁ, ରଞ୍ଜୁ ସାହୁ, ନନ୍ଦିନୀ ପ୍ରଧାନ, ବିବେକାନନ୍ଦ ପ୍ରଧାନ, ପିଣ୍ଟୁ ସାହୁ, ପ୍ରଶାନ୍ତ କୁମାର ପ୍ରଧାନ, ବାପୁଜି ରଣା, ଅଭିମନ୍ୟୁ ସ୍ୱାଇଁ, ଗୌରହରି ନାହାକ, ଦଣ୍ଡପାଣି ପାଣିଗ୍ରାହୀ ପ୍ରମୁଖ ଭାଜପା ଛାଡ଼ି ବିଜେଡିରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ପୋଲସରା ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ପ୍ରଧାନ, ସମ୍ପାଦକ ଅଶୋକ କୁମାର ବିଷୋୟୀ, ପୋଲସରା ବ୍ଲକ ଅଧକ୍ଷ ବଳରାମ ସେଠୀ, ଉପାଧକ୍ଷା ସଂଯୁକ୍ତା ବାଡତ୍ୟା, ବିଜେଡି କୋଷାଧକ୍ଷ ପ୍ରତାପ ଚନ୍ଦ୍ର ପ୍ରଧାନ ସମେତ ବହୁ ବିଜେଡି ନେତା, କର୍ମୀ ଓ ଲୋକ ପ୍ରତିନିଧି ବୃନ୍ଦ ଉପସ୍ଥିତ ଥିଲେ।

## ସମସ୍ୟା ଘେରରେ ସଂସ୍କୃତ ମହାବିଦ୍ୟାଳୟ

**କବିସୂର୍ଯ୍ୟନଗର, ୭।୧୧(ଡି.ଏନ.ଏ.)**

ସମ୍ପ୍ରତି ସହରରେ ଥିବା ଘନଶ୍ୟାମ ସଂସ୍କୃତ ମହାବିଦ୍ୟାଳୟ ବିଭିନ୍ନ ସମସ୍ୟା ଘେରରେ ରହିଛି। ଏ ନେଇ ଛାତ୍ରୀଛାତ୍ର ଓ କର୍ମଚାରୀ ମଧରେ ଚାଲିଛି ଅସନ୍ତୋଷ। ଉକ୍ତ ବିଦ୍ୟାଳୟରେ ଜଣେ ଅଧକ୍ଷ ଦାୟିତ୍ୱ ନେବାଠାରୁ କଲେଜରେ ବହୁ ମୌଳିକ ସମସ୍ୟା ଲାଗି ରହିଛି। ଏନେଇ ଓଡ଼ିଶା ସରକାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଚିଠି ନମ୍ବର ୨୭୭୨୩, ୧୬।୦୭।୨୧ରେ ଆଡିଶନାଲ ସେକ୍ରେଟାରୀ ସୁରେନ୍ଦ୍ର କୁମାର ପଣ୍ଡା ମହାବିଦ୍ୟାଳୟର ସଭାପତି ତଥା ଗଞ୍ଜାମ ଜିଲା ସବ୍‌କଲେକ୍ଟର ଅଧକ୍ଷଙ୍କ ବିରୋଧରେ ବିଭିନ୍ନ ଗୁରୁତର ଅଭିଯୋଗ ସମ୍ପର୍କରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରାକ୍ତନ ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି ଅମୂଲ୍ୟ କୁମାର ମିଶ୍ର ଏ ନେଇ ଉଚ୍ଚଶିକ୍ଷା ବିଭାଗ କମିଶନର ସଂଯୁକ୍ତା ଶାଶ୍ୱତ ମିଶ୍ରଙ୍କ ନିକଟକୁ ବହୁ ଗୁରୁତର ଅଭିଯୋଗ ସମ୍ପୃକ୍ତ ଅଧକ୍ଷଙ୍କ ବିରୋଧରେ ଗତ ୨୫।୦୫।୨୦୨୧ରେ ପଠାଇଛନ୍ତି। କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବା ହେତୁ ପିଲା ଓ କର୍ମଚାରୀଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଇଥିବା ଅଭିଯୋଗ ହେଉଛି। ତେବେ ଜିଲାପାଳ ଏଥିପ୍ରତି ଦୃଷ୍ଟିଦେଇ ସମସ୍ୟାର ସମାଧାନ କରିବାକୁ ଦାବି ହେଉଛି।



## ରକ୍ଷଣାବେକ୍ଷଣ ଅଭାବରୁ ସୀତାସାଗର ଶ୍ରୀହୀନ

**ପାରଳାଖେମୁଣ୍ଡି,୭।୧୧(ଡି.ଏନ୍.ଏ.)**

ଶତାଧିକ ବର୍ଷ ପୂର୍ବେ ପାରଳାଖେମୁଣ୍ଡି ସହର ଉପକଣ୍ଠରେ ତତ୍କାଳୀନ ପାରଳା ମହାରାଜା ଗୌରଚନ୍ଦ୍ର ଗଜପତିଙ୍କ ଅମଳରେ ଜଳସେଚନ ଉଦ୍ଦେଶ୍ୟରେ ଖୋଳା ଯାଇଥିବା ବୃହତ ସୀତାସାଗର ଆଜି ଶ୍ରୀହୀନ ହୋଇପଡ଼ିଛି। ୨ଶହ ହେକ୍ଟରରୁ ଅଧିକ ପରିମିତ ଜମିରେ ରହିଥିବା ଏହି ସୀତାସାଗର ଓ ତାହାର ତଳମୁଣ୍ଡରେ ରହିଥିବା ଚାଷ ଜମିଗୁଡିକୁ ଜଳସେଚନ କ୍ଷେତ୍ରରେ ଟୋପାଏ ପାଣି ମଧ ଯୋଗାଇବାରେ ଅସମର୍ଥ ହୋଇପଡିଛି। ଯେଉଁ ପ୍ରାଚୀନ ବୃହତ ସାଗର ବର୍ଷ ବର୍ଷ ଧରି ଚାଷୀମାନଙ୍କ ହଜାରରୁ ଊର୍ଦ୍ଧ୍ୱ ଚାଷ ଜମିକୁ ବର୍ଷକୁ ୨ ଫସଲରେ ପାଣି ଯୋଗାଇ ଆସୁଥିଲା, ସେହି ସାଗରଟି ବିଭାଗୀୟ ଅଧିକାରୀମାନଙ୍କ ଅଣଦେଖା ଯୋଗୁ ପୋତି ହୋଇ ଗଲାଣି। ବହୁ ବର୍ଷ ପୂର୍ବେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ସାଗରର ବିଭିନ୍ନ ସ୍ଥାନରେ ଜଳ ସେଚନ



କ୍ଷେତ୍ରରେ ନିର୍ମାଣ କରାଯାଇଥିବା ପ୍ରକଳ୍ପ ଗୁଡିକ ଆଉ କାମ କରୁନି। ହେଲେ ତାର ମରାମତି କରାଯାଇ କାର୍ଯ୍ୟକ୍ଷମ କରାଯାଇ ପାରୁନି। ସମସ୍ତ କ୍ଷେତ୍ରରେ ବୃହତ ସାଗରଟି ସମ୍ପୂର୍ଣ୍ଣ ଭାବେ ଶୋଚନୀୟ ଅବସ୍ଥାରେ ପଡିରହିଛି। ସୀତାସାଗରକୁ ରକ୍ଷଣା ବେକ୍ଷଣ କରାଯାଇ ପଙ୍କ ଉଦ୍ଧାର କରି ସେଥିରେ ଭରପୁର ପାଣି ରଖାଗଲେ ତାହା ପାରଳାଖେମୁଣ୍ଡି ସହର ଓ ସାଗରର ଚର୍ତ୍ତୁଃଦିଗରେ ରହିଥିବା ବିଭିନ୍ନ ଗ୍ରାମର କୂଅ ଗୁଡିକରେ ପାଣିର କୌଣସି ଅସୁବିଧା ରୁହନ୍ତା ନାହିଁ । ରକ୍ଷଣା ବେକ୍ଷଣ ସହ ସାଗରର ପଙ୍କ ଉଦ୍ଧାର ହୋଇ ପାରୁ ନଥିବା ଏବଂ ବିଭାଗୀୟ କି ପ୍ରଶାସନ ଅଧିକାରୀଙ୍କ କୌଣସି ନଜର ନଥିବାର ସୁଯୋଗ ନେଇ ବର୍ତ୍ତମାନ କିଛି ବର୍ଷ ହେଲାଣି ଏହା ଅସାମାଜିକ ଲୋକଙ୍କ ଡଷ୍ଟବିନରେ ପରିଣତ ହୋଇଗଲାଣି। ଏହି ସାଗରକୁ କାର୍ଯ୍ୟକ୍ଷମ କରିବା ପାଇଁ ରାଜ୍ୟ ସରକାର ତୁରନ୍ତ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହୋଇଛି।

## ସ୍କାଉଟ୍, ଗାଇଡ ଦିବସ ପାଳିତ

**ହିଞ୍ଜିଳିକାଟୁ,୭।୧୧(ଡି.ଏନ.ଏ.)**

ହିଞ୍ଜିଳିକାଟୁ ପୌରପରିଷଦ ଅନ୍ତର୍ଗତ ସରକାରୀ ବୃନ୍ଦାବନ ବିଦ୍ୟାଳୟ ତରଫରୁ ରବିବାର ୭୧ତମ ସ୍କାଉଟ ଓ ଗାଇଡ ଦିବସ ରବିବାର ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ମୁନୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍କାଉଟ ଶିକ୍ଷକ ଲାଲମୋହନ ସାହୁ ଓ କ୍ୟାପଟେନ ଗାଇଡ ଭାରତୀ ଚୌଧୁରୀ ବିଦ୍ୟାଳୟର ସମର ଶିକ୍ଷାର୍ଥୀ ବାହିନୀ ଓ ସ୍କାଉଟ ଓ ଗାଇଡ ଛାତ୍ର ଛାତ୍ରୀମାନଙ୍କୁ ନେଇ ଏକ ରାଲିରେ ହିଞ୍ଜିଳିକାଟୁ ସହର ପରିକ୍ରମା କରିଥିଲେ।

